# NATIONAL NEWS BULLETIN (ODIA)

## 15 July - 2024

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ନିଲାମ ହୋଇଥିବା ତିନୋଟି କୋଇଲା ଖଣି ଲାଗି ଆଜି ବିକାଶ ଏବଂ ଉତ୍ପାଦନ ବୁଝାମଣାପତ୍ର କାର୍ଯ୍ୟକାରୀ କଲା କୋଇଲା ମନ୍ତ୍ରଣାଳୟ
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ନେପାଳର ନବନିଯୁକ୍ତ ପ୍ରତିପକ୍ଷ କେ.ପି.ଶର୍ମା ଓଲିଙ୍କୁ ଜଣାଇଲେ ଶୁଭେଚ୍ଛା

– ଦୁଇଦେଶ ମଧ୍ୟରେ ସହଯୋଗକୁ ଅଧିକ ବ୍ୟାପକ କରିବା ଉପରେ ଶ୍ରୀ ମୋଦୀଙ୍କ ଗୁରୁତ୍ୱାରୋପ

- ଶାନ୍ତି ମାଧ୍ୟମରେ ହିଁ ବିକାଶ ସମ୍ଭବ– କହିଲେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀ

ଏବଂ

- ଓଡ଼ିଶାର ପୁରୀରେ ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି ଚତୁର୍ଦ୍ଧାମୂର୍ତ୍ତି

## କୋଲ ମାଇନିଂ

କୋଇଲା ମନ୍ତ୍ରଣାଳୟ ନିଲାମ ହୋଇଥିବା ତିନୋଟି କୋଇଲା ଖଣି ଲାଗି ଆଜି କୋଇଲା ଖଣି ବିକାଶ ଏବଂ ଉତ୍ପାଦନ ବୁଝାମଣାପତ୍ର କାର୍ଯ୍ୟକାରୀ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟର ସପ୍ତମ ରାଉଣ୍ଡରେ ନିଲାମ ହୋଇଥିବା ଏହି ଖଣିଗୁଡ଼ିକ ହେଲା ମାଛାକାଟା କୋଇଲା ଖଣି, କୁଦନାଲି ଲୁବ୍ରି କୋଇଲା ଖଣି ଏବଂ ସାକ୍ଷୀଗୋପାଳ-ବି କାକୁରୀ କୋଇଲା ଖଣି। ଏହି ସବୁ ଖଣିକୁ ଏନ୍.ଏଲ୍.ସି. ଇଣ୍ଡିଆ ଲିମିଟେଡ୍, ଗୁଜୁରାଟ୍ ଖଣିଜ ବିକାଶ ନିଗମ ଲିମିଟେଡ୍, ତାମିଲନାଡୁ ଉତ୍ପାଦନ ଏବଂ ବିତରଣ ନିଗମ ଲିମିଟେଡ୍ ନିଲାମ ଧରିଛନ୍ତି। ଏହି ତିନୋଟି କୋଇଲା ଖଣିରୁ ବାର୍ଷିକ ୩ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ ହେବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୪୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ପ୍ରଧାନମନ୍ତ୍ରୀ-ଜୟଶଙ୍କର ଶୁଭେଚ୍ଛା

ନେପାଳର ନୂତନ ପ୍ରଧାନମନ୍ତ୍ରୀ ଭାବେ ଆଜି କେ.ପି ଶର୍ମା ଓଲି ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଭାରତ ଓ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ କରିବା ଉପରେ ଆଶାବ୍ୟକ୍ତ

କରିଛନ୍ତି । ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ବ୍ୟାପକ କରିବା ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ତାଙ୍କ ନେପାଳ ପ୍ରତିପକ୍ଷ ଆର୍ଜୁ ରାଣା ଦେଉବାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ଡକ୍ଟର ଜୟଶଙ୍କର ଶ୍ରୀମତୀ ଦେଉବାଙ୍କ ସହଯୋଗରେ ଆଗାମୀ ଦିନରେ ଭାରତ-ନେପାଳ ବହୁମୁଖୀ ଭାଗିଦାରୀ ସମ୍ପର୍କ ଅଧିକ ସଶକ୍ତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ନେପାଳ- ନ୍ୟୁପିଏମ୍

କେ.ପି ଶର୍ମା ଓଲିଙ୍କ ସହ ୪ ଦଳ ବିଶିଷ୍ଟ ନେପାଳ ମେଣ୍ଟ ସରକାରର ୨୧ ଜଣ ସଦସ୍ୟ ଆଜି ମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ରାମଚନ୍ଦ୍ର ପୌଦେଲ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

ଗତ ଶୁକ୍ରବାର ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ପ୍ରଚଣ୍ଡ ସଂସଦରେ ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବାରେ ବିଫଳ ହେବା ପରେ ୭୨ ବର୍ଷୀୟ ସି.ପି.ଏନ୍-ୟୁ.ଏମ୍.ଏଲ୍ ଅଧ୍ୟକ୍ଷ କେ.ପି.ଶର୍ମା ଓଲି ସରକାର ଗଠନ ନେଇ ରାଷ୍ଟ୍ରପତିଙ୍କ ପାଖରେ ଦାବି ଉପସ୍ଥାପନ କରିଥିଲେ। ଶ୍ରୀ ଓଲିଙ୍କୁ ୟୁଏମ୍ଏନ୍ ଦଳର ୭୭ ଜଣ ସଦସ୍ୟ ଏବଂ

ଏନ୍‌ସିର ୮୮ ଜଣ ସଦସ୍ୟଙ୍କର ସମର୍ଥନ ରହିଛି । ଶପଥ ଗ୍ରହଣ ସମାରୋହ କାଠମାଣ୍ଡୁସ୍ଥିତ ରାଷ୍ଟ୍ରପତି କାର୍ଯ୍ୟାଳୟ ଶୀତଲ ନିବାସରେ ଅନୁଷ୍ଠିତ ହୋଇଥିଲା । ଉପରାଷ୍ଟ୍ରପତି ରାମ ସହାୟ ପ୍ରସାଦ ଯାଦବ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ନେପାଳୀ କଂଗ୍ରେସ ସଭାପତି ସେର୍ ବାହାଦୂର ଦେଉଓ୍ୱା, ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଓ ବାଚସ୍ପତି ଦେବରାଜ ଘିମିରେଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ଥିଲେ ।

ଓଲିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରେ ଦୁଇ ଜଣଙ୍କୁ ଉପ ପ୍ରଧାନମନ୍ତ୍ରୀ ଦାୟିତ୍ୱ ମିଳିଛି । ସେମାନଙ୍କ ମଧ୍ୟରୁ ଜଣେ ନେପାଳୀ କଂଗ୍ରେସର ପ୍ରକାଶ ମାନ ସିଂ ଓ ଅନ୍ୟ ଜଣେ ସି.ପି.ଏନ୍.-ୟୁ.ଏନ୍.ଏଲ୍.ର ବିଷ୍ଣୁ ପ୍ରସାଦ ପୌଦେଲ । ଉପ ପ୍ରଧାନମନ୍ତ୍ରୀ ଦାୟିତ୍ୱ ସହ ପ୍ରକାଶ ମାନ ସିଂଙ୍କୁ ସହରାଞ୍ଚଳ ବିକାଶ ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ମିଳିଛି । ଅନ୍ୟପକ୍ଷରେ ବିଷ୍ଣୁ ପୌଦେଲଙ୍କୁ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ମିଳିଛି । ରାଷ୍ଟ୍ରପତି ରାମଚନ୍ଦ୍ର ପୌଦେଲ ନବନିଯୁକ୍ତ ୨୧ ଜଣ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ଶ୍ରୀ ଓଲିଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍‌ରେ ଏନ୍.ସି., ୟୁ.ଏମ୍.ଏଲ୍, ଜନତା ସମାଜବାଦୀ ପାର୍ଟି ଏବଂ ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟିର ସଦସ୍ୟମାନେ ସ୍ଥାନ ପାଇଛନ୍ତି ।

## ଲଦାଖ-ରିଜିଜୁ

ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ମନ୍ତ୍ରୀ କିରଣ ରିଜିଜୁ ଆଜି ଲଦାଖସ୍ଥିତ କାରଗିଲ୍ ଯୁଦ୍ଧ ସ୍ମାରକୀଠାରେ ଅପରେସନ୍ ବିଜୟର ସହିଦ୍ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ସହିଦ୍ ଯବାନଙ୍କ ପ୍ରତି ସମ୍ମାନ ଜଣାଇ ସେ କହିଛନ୍ତି, ଯବାନମାନେ ଦେଶଲାଗି ନିଜର ପ୍ରାଣବଳୀ ଦେଇଛନ୍ତି। ଏହାଦ୍ୱାରା ଦେଶରେ ଶାନ୍ତି ବଜାୟ ରହିଛି। ତେବେ ପ୍ରାଣବଳୀ ଦେଇଥିବା ଯବାନମାନଙ୍କ ପ୍ରତି ପ୍ରତ୍ୟେକ ଭାରତୀୟ ଜୀବନବ୍ୟାପୀ ସମ୍ମାନ ପ୍ରଦର୍ଶନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ୨୬ ତାରିଖ ଦିନ କାରଗିଲ୍ ବିଜୟ ଦିବସ ପାଳନ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜିଜୁ ଆଜି ସେଠାରେ ଭାରତୀୟ ଯବାନଙ୍କର ଏହି ଯୁଦ୍ଧରେ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରିଛନ୍ତି। ଏହି ଗସ୍ତ ଅବସରରେ ଶ୍ରୀ ରିଜିଜୁ' ସେନା ଅଧିକାରୀ, ଯବାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଦେଶ ପ୍ରତି ସେମାନଙ୍କର ଉତ୍ସର୍ଗୀକୃତ ସେବା ଲାଗି କୃତଜ୍ଞତା ଜଣାଇଛନ୍ତି।

## ଜୟନ୍ତ-ୱାର୍ଲଡ ସ୍କିଲ ଡେ'

ଶାନ୍ତି ମାଧ୍ୟମରେ ହିଁ ବିକାଶ ସମ୍ଭବ ହୋଇପାରିବ ବୋଲି ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି। ନୂଆଦିଲ୍ଲୀଠାରେ ଆଜି ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଶ୍ରୀ

ଚୌଧୁରୀ କହିଛନ୍ତି, ଦକ୍ଷତା ବିକାଶ ଏବଂ ଉଦ୍ୟମିତା କ୍ଷେତ୍ରରେ ୧୦ ବର୍ଷ ପୂର୍ବେ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ ହେବା ପରେ ଭାରତ ଅଭୂତପୂର୍ବ ସଫଳତା ହାସଲ କରିଛି। ସେ କହିଛନ୍ତି, ଗତ ୧୦ ବର୍ଷର ଉପଲବ୍ଧିରୁ ଶିକ୍ଷା ଲାଭ କରି ତାଙ୍କ ମନ୍ତ୍ରଣାଳୟ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଆହୁରି ଅନେକ ଯୋଜନାକୁ କାର୍ଯ୍ୟକାରୀ କରିବାର ଲକ୍ଷ୍ୟ ରଖିଛି। ଚଳିତ ବର୍ଷର ବାର୍ତ୍ତା 'ଶାନ୍ତି ଏବଂ ବିକାଶ' ରହିଛି। ସେ କହିଛନ୍ତି, 'ସ୍କିଲ ଇଣ୍ଡିଆ ଯୋଜନା' ଅନ୍ତର୍ଗତ ୧ କୋଟି ୪୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଦକ୍ଷତା ତାଲିମ ପ୍ରଦାନ କରାଯାଇପାରିଛି।

ଏହି ଅବସରରେ ଶ୍ରୀ ଚୌଧୁରୀ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁବବର୍ଗଙ୍କ ସହିତ ଭାବ ବିନିମୟ କରିବା ସହ ପ୍ରଶିକ୍ଷକମାନଙ୍କୁ ପୁରସ୍କୃତ କରିଥିଲେ।

## ଏସ୍‌ସି-ନିଟ୍

ସ୍ନାତକ ମେଡିକାଲ ପାଠ୍ୟକ୍ରମ ଲାଗି ଉଦ୍ଦିଷ୍ଟ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କିତ କେତେକ ମାମଲା ରାଜସ୍ଥାନ ହାଇକୋର୍ଟରୁ ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରିବା ଲାଗି ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍.ଟି.ଏ.ର ଆବେଦନ ଉପରେ ସୁପ୍ରିମକୋର୍ଟ ସମ୍ପୃକ୍ତ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ମୁଖ୍ୟ ବିଚାରପତି

ଡି.ୱାଇ.ଚନ୍ଦ୍ରଚୂଡ଼, ବିଚାରପତି ଜେ.ବି. ପାର୍ଦିୱାଲା ଏବଂ ବିଚାରପତି ମନୋଜ ମିଶ୍ରା ଆବେଦନକାରୀଙ୍କୁ ଏହି ନୋଟିସ ଜାରି କରିଛନ୍ତି। ତେବେ ରାଜସ୍ଥାନ ହାଇକୋର୍ଟରେ ଏହି ମାମଲାର ବିଚାର ଉପରେ କୌଣସି ପ୍ରକାର ଅନ୍ତରୀଣ ନିର୍ଦ୍ଦେଶ ଦେବା ଲାଗି ସର୍ବୋଚ୍ଚ ଅଦାଲତ ବାରଣ କରିଛନ୍ତି।

## ରଥଯାତ୍ରା

ଓଡ଼ିଶାର ପୁରୀରେ ଆଜି ଚତୁର୍ଦ୍ଧାମୂର୍ତ୍ତି ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି। ଆଜି ନିର୍ଦ୍ଧାରିତ ନୀତିନିର୍ଘଣ୍ଟର ୧ ଘଣ୍ଟା ପୂର୍ବରୁ ଧାଡ଼ି ପହଣ୍ଡିରେ ଶ୍ରୀଜୀଉମାନଙ୍କୁ ରଥ ଉପରେ ବିରାଜମାନ କରାଯାଇଥିଲା। ଶ୍ରୀଜୀଉମାନେ ରଥାରୂଢ଼ ହେବା ପରେ ଗଜପତି ଦିବ୍ୟସିଂହ ଦେବ ଛେରାପହଁରା କାର୍ଯ୍ୟ ଶେଷ କରିଥିଲେ। ପରେ ଚାରମାଳ ଫିଟା ଓ ଘୋଡ଼ାଯୋଚା ହୋଇ ରଥ ଟଣା ଯାଇଥିଲା। ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ପରେ ପରେ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଶ୍ରଦ୍ଧାଳୁମାନେ ଭକ୍ତିର ସହ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ବର୍ତ୍ତମାନ ମଧ୍ୟ ରଥଟଣା ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ତାଳଧ୍ୱଜ ରଥ ରଜାନଅର ସମ୍ମୁଖରେ, ଦର୍ପଦଳନ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସାମ୍ନାରେ ଏବଂ ନନ୍ଦିଘୋଷ ରଥ ମରିଚି କୋର୍ଟ ଛକ ପାଖାପାଖି ଅଟକି ରହିଛି। ଲକ୍ଷାଧିକ ଭକ୍ତଙ୍କ ଗହଳି ହରିବୋଲ,

ହୁଳହୁଳିରେ  ସମ୍ପୂର୍ଣ୍ଣ ବଡ଼ଦାଣ୍ଡରେ ଏକ ଭାବବିହ୍ୱଳ ପରିବେଶ ଦେଖିବାକୁ ମିଳିଛି। ବାଟରେ ଚତୁର୍ଦ୍ଧାମୂର୍ତ୍ତି ତାଙ୍କ ପ୍ରିୟ ମାଉସୀଙ୍କ ଦ୍ୱାରା ପ୍ରସ୍ତୁତ ପୋଡ଼ ପିଠା ଖାଇ ପୁଣି ଯାତ୍ରା ଆରମ୍ଭ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ସହ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ଯାତ୍ରାକୁ ଶୃଙ୍ଖଳିତ କରିବା ନେଇ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆସନ୍ତା ୧୭ ତାରିଖ ବୁଧବାର ଦିନ ମହାପ୍ରଭୁଙ୍କ ହରି ଶୟନ ଏକାଦଶୀ ଅବସରରେ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ପରଦିନ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ଅଧରପଣା ନୀତି  ସମ୍ପନ୍ନ କରାଯିବ। ଆସନ୍ତା ଶୁକ୍ରବାର ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କ ସହିତ ନିଳାଦ୍ରୀ ବିଜେରେ ରଥରୁ ରତ୍ନସିଂହାସନକୁ ବିଜେ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଆଜି ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି  **ଉଚ୍ଚ ରକ୍ତଚାପ ନିୟନ୍ତ୍ରଣର ଉପାୟ ଏବଂ ଏହାର ସମାଧାନ ।**  ଦିଲ୍ଲୀ ଏମ୍ସର ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡକ୍ଟର ରାକେଶ ଯାଦବ ଏବଂ ଖାଦ୍ୟ ତତ୍ତ୍ୱବିଦ୍ ଡକ୍ଟର ରିଚା ଜୟସ୍ୱାଲ ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଅଂଶ ଗ୍ରହଣ କରି  ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ   011-23421050  ଓ

011-23314444 ନମ୍ବରରେ ରାତି ୯ଟା ୩୦ ମିନିଟ୍ ପରଠାରୁ ଫୋନ୍ କରି ନିଜର ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ କରି କିମ୍ବା ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ହାସଟ୍ୟାଗ୍ ଆସ୍କ ଏୟାର୍ ସହିତ ପ୍ରଶ୍ନ ପଠାଇ ପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଓ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ମୁଦ୍ରାସ୍ଫୀତି ହାର

ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଯୋଗୁଁ ଗତ ମାସରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ହାର କ୍ରମାଗତ ଚତୁର୍ଥ ମାସ ପାଇଁ ୩ ଦଶମିକ ୩/୬ ପ୍ରତିଶତକୁ ବୃଦ୍ଧି ପାଇଛି। ମେ' ମାସରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରରେ ମୁଦ୍ରାସ୍ଫୀତି ୨ ଦଶମିକ ୬/୧ ପ୍ରତିଶତ ରହିଥିଲା। ଜୁନ୍ ୨୦୨୩ରେ ଏହା ବିଯୁକ୍ତ ୪ ଦଶମିକ ୧/୮ ପ୍ରତିଶତ ଥିଲା। ତଥ୍ୟ ଅନୁସାରେ, ଜୁନ୍ ମାସରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ୧୦ ଦଶମିକ ୮/୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ମେ' ମାସରେ ଏହା ୯ ଦଶମିକ ୮/୨ ପ୍ରତିଶତ ରହିଥିଲା।

# ରେନ୍

ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରୀୟ ମହାରାଷ୍ଟ୍ର, ଗୁଜୁରାଟ, ପୂର୍ବ ଉତ୍ତରପ୍ରଦେଶ ଏବଂ ପୂର୍ବ ରାଜସ୍ଥାନର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ଅନୁମାନ କରିଛି । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ମହାରାଷ୍ଟ୍ରର ଅଧିକାଂଶ ଅଞ୍ଚଳରେ ମଧ୍ୟରୁ ପ୍ରବଳ ବର୍ଷା ହୋଇଯାଇଛି । ଏହାର ପ୍ରଭାବରେ ରାଜ୍ୟରେ କେତେକ ଟ୍ରେନ୍ ବାତିଲ ହୋଇଥିବା ବେଳେ ୫ଟି ଟ୍ରେନ୍‌ର ଗତିପଥକୁ ବଦଳାଯାଇଛି । ସେହିଭଳି ଗୁଜୁରାଟର ସୁରତ, ଭାରୁଚ ଏବଂ ନର୍ମଦା ଜିଲ୍ଲାରେ ଆଜି ସକାଳୁ ପ୍ରବଳ ବର୍ଷା ହେବା ଫଳରେ ଅନେକ ସ୍ଥାନରେ ଗମନାଗମନ ବାଧାପ୍ରାପ୍ତ ହୋଇଛି ।